# NATIONAL NEWS BULLETIN (ODIA)
## 7 March - 2025
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱ ବ୍ୟାପି ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯିବ ଆସନ୍ତାକାଲି ।

– ଏହି ଅବସରରେ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ।

- କେନ୍ଦ୍ର ଶାସିତ ଅଞ୍ଚଳ ଦାଦ୍ରା-ନଗର ହାବେଳି, ଡିଉ ଏବଂ ଦାମନକୁ ଦେଶର ଐତିହ୍ୟ ବୋଲି କହିଲେ ପ୍ରଧାନମନ୍ତ୍ରୀ ।
- ଆସନ୍ତା ମଙ୍ଗଳବାର ଦୁଇ ଦିନିଆ ମରିସସ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- କୋଲକାତାରେ ଭାରତ-ବାଂଲାଦେଶ ଯୁଗ୍ମ ନଦୀ ଆୟୋଗର ଦ୍ୱିତୀୟ ଦିନ ବୈଠକ ଅନୁଷ୍ଠିତ ।

ଏବଂ

- ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ଗୁଜରାଟ ଜାଏଣ୍ଟସ୍ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ମୁକାବିଲା ।

## ଆନ୍ତର୍ଜାତିକ-ମହିଳା ଦିବସ

ଆନ୍ତର୍ଜାତିକ ମହିଳା ଦିବସ ବିଶ୍ୱବ୍ୟାପି ଆସନ୍ତାକାଲି ପାଳନ କରାଯିବ । ଏହି ଦିନ ସାଂସ୍କୃତିକ, ଆର୍ଥିକ, ଜାତିଗତ ଓ ଭାଷାଗତ ନିର୍ବିଶେଷରେ ବିଶ୍ୱବ୍ୟାପି ମହଳାମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ କରାଯାଇଥାଏ । ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉଛି – "ସମସ୍ତ ମହିଳା ଓ ଝିଅମାନଙ୍କ ପାଇଁ ଅଧିକାର, ସମାନତା ଓ ସଶକ୍ତିକରଣ" ।

ସୂଚନା ଯୋଗ୍ୟ କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ମହିଳାମାନଙ୍କୁ ସେମାନଙ୍କର ପ୍ରେରଣାଦାୟୀ ଜୀବନ ଯାତ୍ରାର ଅନୁଭୂତି ନମୋ ଆପ୍ ମାଧ୍ୟମରେ ଜଣାଇବାକୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟସ୍ ମାଧ୍ୟମରେ ମହିଳାମାନେ ଆସନ୍ତାକାଲି ସେମାନଙ୍କର ବାର୍ତ୍ତା ଓ ଅନୁଭୂତି ବାଣ୍ଟି ପାରିବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ସ୍ୱତନ୍ତ୍ର ଅଭିଯାନ ମହିଳାମାନଙ୍କ ସଫଳତା ଓ ଅବଦାନକୁ ଜନସାଧାରଣଙ୍କ ପାଖରେ

ପହଞ୍ଚାଇବା ସହିତ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବାରେ ସହାୟକ ହେବ ।

## ପ୍ରେସିଡେଣ୍ଟ-ମହିଳା ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆସନ୍ତାକାଲି ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । 'ନାରୀ ଶକ୍ତିରୁ ବିକଶିତ ଭାରତ' ଶୀର୍ଷକ ଆଧାରିତ ଏହି ସମ୍ମିଳନୀକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆୟୋଜନ କରୁଛି । ସମ୍ମିଳନୀରେ ମୋ ଭାରତ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସମେତ ସେନା ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍‌ର ଅଧିକାରୀମାନେ ଯୋଗଦେବେ । ସମ୍ମିଳନୀରେ ବିଶ୍ୱ ବ୍ୟାଙ୍କ୍, ୟୁନିସେଫ୍, ୟୁ.ଏନ୍.ଡି.ପି., ମହିଳା ଜାତିସଂଘ ଓ ୟୁ.ଏନ୍.ଏଫ୍.ପି.ଏ.ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିବେ । ଆନ୍ତର୍ଜାତିକ ମହିଳା ଦିବସ ନାରୀମାନଙ୍କର ବହୁମୁଖୀ ପ୍ରତିଭା ଓ ଶକ୍ତି ସମ୍ପର୍କରେ ଆଲୋଚନା କରିବାର ଏକ ଅବସର ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ର ଶାସିତ ଅଞ୍ଚଳ ଦାଦ୍ରା ଏବଂ ନଗର ହାବେଳି, ଡିଉ ଏବଂ ଦାମନକୁ ଦେଶର ଐତିହ୍ୟ ବୋଲି କହିଛନ୍ତି । ଏହି ଅଞ୍ଚଳକୁ ସମାବେଶି ବିକାଶ ସହିତ ଏକ ଆଦର୍ଶ ରାଜ୍ୟରେ ପରିଣତ କରିବା ପାଇଁ ତାଙ୍କ ସରକାର ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି । ସିଲ୍‌ଭାସାରେ ଏକ ଜନସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ବର୍ଷ ବର୍ଷ ଧରି କେନ୍ଦ୍ର ଶାସିତ ଅଞ୍ଚଳ ବିଶ୍ୱ ସ୍ତରୀୟ ଭିତ୍ତିଭୂମି, ସଂଯୋଗୀକରଣ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବିକାଶରେ ଏକ ଅନନ୍ୟ ପରିଚୟ ହାସଲ କରିଛି । ଅନେକ ଗୁଡ଼ିଏ ସାମାଜିକ ସୁରକ୍ଷା ଯୋଜନାରେ ସଫଳତା ହାସଲ କରିବା ପାଇଁ ସେ ଏଠାକାର ପ୍ରଶାସନକୁ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ରେଳ ଏବଂ ସଡ଼କ ନେଟ୍‌ୱର୍କର ବିକାଶ ପର୍ଯ୍ୟଟନକୁ ଏକ ପ୍ରମୁଖ ପ୍ରୋତ୍ସାହନ ଦେଇଛି । ଏହି କ୍ଷେତ୍ରରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପ ଉପରେ ଆଲୋକପାତ କରି ସେ କହିଛନ୍ତି, କେନ୍ଦ୍ର ଶାସିତ ଅଞ୍ଚଳ ଦେଶର ଲୋକପ୍ରିୟ ପର୍ଯ୍ୟଟନ ଆକର୍ଷଣ ମଧ୍ୟରୁ ଗୋଟିଏ ପାଲଟିଛି । ଏକ ସୁସ୍ଥ ଭାରତ ସୃଷ୍ଟି ଦ୍ୱାରା ହିଁ ଏକ ବିକଶିତ ଭାରତର ଦୃଷ୍ଟିକୋଣ ହାସଲ କରାଯାଇ ପାରିବ ବୋଲି ସେ କହିଛନ୍ତି ।

ତାଙ୍କ ସରକାର ସାଧାରଣ ଲୋକଙ୍କ ଆବଶ୍ୟକତା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜବୁତ କରିବା ଏବଂ ଲୋକଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ପାଇଁ ଅଧିକ ଜନଔଷଧୀ କେନ୍ଦ୍ର ଗୁଡ଼ିକ ସ୍ଥାପନ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଏହି ଅଞ୍ଚଳରେ ଶିଳ୍ପ ବିକାଶ କେବଳ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରି ନାହିଁ ବରଂ ଆଦିବାସୀମାନଙ୍କୁ ସଶକ୍ତ କରିଛି ।

ପୂର୍ବରୁ ପ୍ରଧାନମନ୍ତ୍ରୀ ସିଲଭାସାରେ ୪୬୦ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚରେ ନିର୍ମିତ ୪୫୦ ଶଯ୍ୟା ବିଶିଷ୍ଟ ପ୍ରଥମ ପର୍ଯ୍ୟାୟ  ନମୋ ହସ୍ପିଟାଲ୍‌ର ଉଦ୍‌ଘାଟନ କରିଥିଲେ । ପରେ ସେଠାରେ ଶ୍ରୀ ମୋଦୀ ୨ହଜାର ୫୮୭ କୋଟି ଟଙ୍କା ମୂଲ୍ୟର ୬୨ଟି ପ୍ରକଳ୍ପର ଉଦ୍‌ଘାଟନ  ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।  ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ରାସ୍ତା, ସ୍କୁଲ୍, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ କେନ୍ଦ୍ର, ପଞ୍ଚାୟତ ଏବଂ ପ୍ରଶାସନିକ ଅଟ୍ଟାଳିକା, ଅଙ୍ଗନବାଡ଼ି କେନ୍ଦ୍ର, ଜଳ ଯୋଗାଣ ପ୍ରକଳ୍ପ ତଥା ସ୍ୱରେଜ ଭିତ୍ତିଭୂମି ଅନ୍ତର୍ଭୁକ୍ତ ।

## V/O- PM-MODI

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ସୁରଟ ଖାଦ୍ୟ ସୁରକ୍ଷା ଅଭିଯାନ ଶୁଭାରମ୍ଭ କରିବା ପାଇଁ  ସୁରଟ ଯାତ୍ରା କରୁଛନ୍ତି । ସେଠାରେ ପ୍ରାୟ ୨ ଲକ୍ଷ ହିତାଧିକାରୀ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଉପକୃତ ହେବେ । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ମହିଳା

ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୨୫ ହଜାରରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ୨ ଲକ୍ଷ ୫୦ ହଜାର ମହିଳାଙ୍କୁ ୪୫୦ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍ ମରିସସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୧୧ ତାରିଖରୁ ଦୁଇ ଦିନିଆ ମରିସସ୍ ଗସ୍ତରେ ଯିବେ । ନୂଆଦିଲ୍ଲୀରେ ଆଜି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆସନ୍ତା ୧୨ ତାରିଖରେ ମରିସସ୍‌ର ଜାତୀୟ ଦିବସ ସମାରୋହରେ ପ୍ରଧାନମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ସେଠାକୁ ଗସ୍ତ କରିବେ । ଭାରତୀୟ ନୌସେନାର ଏକ ଜାହାଜ ସହ ପ୍ରତିରକ୍ଷା ବାହିନୀର ଏକ ଦଳ ଏହି ଉତ୍ସବରେ ଅଂଶଗ୍ରହଣ କରିବେ । ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମରିସସ୍‌ର ରାଷ୍ଟ୍ରପତି ଏବଂ ସେଠାକାର ବରିଷ୍ଠ ନେତାମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

## ଏମ୍‌ଇଏ ବ୍ରିଫିଂ

ଭାରତ ଓ ଆମେରିକା ବହୁକ୍ଷେତ୍ରୀୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନାକୁ ଆଗକୁ ବଢ଼ାଇବା ପ୍ରକ୍ରିୟାରେ ଅଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟଶ୍ୱାଲ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗତ ମାସରେ ଆମେରିକା ଗସ୍ତ ସମୟରେ ଉଭୟ ପକ୍ଷ ଏକ ପାରସ୍ପରିକ ଫଳପ୍ରଦ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା କରିଥିଲେ ବୋଲି ସେ କହିଛନ୍ତି । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ସେହି ସମୟରେ ଆମେରିକାରେ ତାଙ୍କ ପ୍ରତିପକ୍ଷଙ୍କ ସହ ଏ ସମ୍ପର୍କରେ ସାକ୍ଷାତ ଆଲୋଚନା ମଧ୍ୟ କରିଥିବାର ସେ କହିଛନ୍ତି । ଦୁଇ ଦେଶ ମଧ୍ୟରେ ହୋଇଥିବା ଏହି ଆଲୋଚନା ଦ୍ୱିପାକ୍ଷିକ ବାଣିଜ୍ୟକୁ ମଜବୁତ କରିବା ସହ ବଜାର ପ୍ରବେଶ ବୃଦ୍ଧି କରିବା, ଶୁଳ୍କ ଓ ଅଣଶୁଳ୍କ ପ୍ରତିବନ୍ଧକ ହ୍ରାସ କରିବା ଏବଂ ଯୋଗାଣ ଶୃଙ୍ଖଳା ସମନ୍ୱୟକୁ ଦୃଢ଼ କରିବ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## କୋଲକାତା-ମିଟ୍

କୋଲକାତା ଠାରେ ଭାରତ-ବାଂଲାଦେଶ ଯୁଗ୍ମ ନଦୀ ଆୟୋଗର ଆଜି ଦ୍ୱିତୀୟ ଦିନ ବୈଠକ ଅନୁଷ୍ଠିତ ହୋଇଛି । ଉଭୟ ଦେଶ ପକ୍ଷରୁ

ଗଠିତ ବୈଷୟିକ କମିଟି ଏହି ବୈଠକରେ ଯୋଗଦେଇଛନ୍ତି । ଏଥିରେ ବାଂଲାଦେଶ ଓ କେନ୍ଦ୍ର ସରକାରଙ୍କ ଅଧିକାରୀମାନଙ୍କ ସହ ପଶ୍ଚିମବଙ୍ଗର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଗଙ୍ଗାଜଳ ବଣ୍ଟନ, ବିଭିନ୍ନ ଦୀରେ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ଓ ଜଳସେଚନ ବ୍ୟବସ୍ଥାରେ ଉନ୍ନତି ଆଣିବା ପ୍ରସଙ୍ଗ ଉପରେ ଏହି ବୈଠକରେ ଆଲୋଚନା ହୋଇଥିବାର ସୂଚନା ମିଳିଛି ।

## ଆକାଶବାଣୀ-ଓ୍ୱିମ୍ୟାସ୍ ଡେ

ଆକାଶବାଣୀ ସମ୍ବାଦ ବିଭାଗ ଆସନ୍ତାକାଲି ଆନ୍ତର୍ଜାତିକ ମହିଳା ଦିବସକୁ ଏକ ଅନନ୍ୟ ଢଙ୍ଗରେ ପାଳନ କରିବ । ଏଥିରେ ମହିଳା ସମ୍ବାଦ ପାଠକଙ୍କ ଦ୍ୱାରା ୨୪ ଘଣ୍ଟା ପାଇଁ ସମସ୍ତ ଇଂରାଜୀ ଏବଂ ହିନ୍ଦୀ ସମ୍ବାଦ ବୁଲେଟିନ୍ ଉପସ୍ଥାପନ କରାଯିବ । ଏହି ବିଶେଷ କାର୍ଯ୍ୟକ୍ରମ ଆଜି ମଧ୍ୟ ରାତ୍ରିରୁ ଆରମ୍ଭ ହେବାକୁ ଯାଉଛି । ଏହି ସମୟ ମଧ୍ୟରେ ସମସ୍ତ ୪୫ଟି ମୁଖ୍ୟ ଏବଂ ଏକ ଘଣ୍ଟିଆ ବୁଲେଟିନ୍, ଇଂରାଜୀ ଓ ହିନ୍ଦୀରେ ସମ୍ବାଦପତ୍ରିକା କାର୍ଯ୍ୟକ୍ରମ ମହିଳା ସମ୍ବାଦ ପାଠକଙ୍କ ଦ୍ୱାରା ଉପସ୍ଥାପନ କରାଯିବ । ଆସନ୍ତାକାଲି ଦିନରେ ଇଂରାଜୀ ଏବଂ ହିନ୍ଦୀ ସମ୍ବାଦ  କାର୍ଯ୍ୟାଳୟରେ ସମସ୍ତ ଆକାଶବାଣୀ ସମ୍ବାଦ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ । ଆସନ୍ତାକାଲି ରାତି ୯ଟା ୧୫ରୁ  ୧୦ଟା ପର୍ଯ୍ୟନ୍ତ ଆନ୍ତର୍ଜାତିକ ମହିଳା

ଦିବସ ଅବସରରେ ଆକାଶବାଣୀ ସମ୍ବାଦରେ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନା  କାର୍ଯ୍ୟକ୍ରମ ମଧ୍ୟ ପ୍ରସାରଣ କରାଯିବାର କାର୍ଯ୍ୟସୂଚୀ ରହିଛି ।

## ପଞ୍ଜାବ-ଆରେଷ୍ଟ

ପଞ୍ଜାବ ପୁଲିସ୍ ବବର ଖାଲସା ଇଣ୍ଟରନ୍ୟାସନାଲ୍ ଆତଙ୍କବାଦୀ ସଂଗଠନର ତିନି ଜଣଙ୍କୁ ଗିରଫ୍ କରିଛି । ପଞ୍ଜାବରେ ଏହି ଆତଙ୍କବାଦୀ ସଂଗଠନ ଯୁବକମାନଙ୍କୁ ଦେଶ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ କରିବା ପାଇଁ ପ୍ରୋତ୍ସାହନ ଯୋଗାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଅତିରିକ୍ତ ପୁଲିସ୍ ଆଇ.ଜି. ନବଜ୍ୟୋତ ସିଂହ ମହଲ କହିଛନ୍ତି,  ଏହି ଅଭିଯୁକ୍ତଙ୍କ ଠାରୁ ଜୀବନ୍ତ ଗୁଳି ସହ ୪ଟି ପିସ୍ତଲ ଜବତ କରାଯାଇଛି । ଏହି ସଂଗଠନ ଆମେରିକାରେ ଥିବା ଅପରାଧି ଗୁରପ୍ରୀତ ସିଂହ ଦ୍ୱାରା ପରିଚାଳନା କରାଯାଉଥିବା ସେ କହିଛନ୍ତି ।

## ଟିଏନ୍-ଆକ୍ସିଡେଣ୍ଟ

ତାମିଲନାଡୁର ତିରୁଚ୍ଚାନି ଶୋଲିଙ୍ଗୁର ଜାତୀୟ ରାଜପଥରେ ଆଜି ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ ଜଣରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ଏହି ଦୁର୍ଘଟଣା

ଏକ ସରକାରୀ ବସ୍ ଓ ଲରି ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟିଥିଲା । ଆହତମାନଙ୍କୁ ସ୍ଥାନିୟ ତିରୁଛାନି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି ।

## ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଗୁଜୁରାଟ ଜ୍ୟାଣ୍ଟ୍‌ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଉ କିଛି ସମୟ ପରେ ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ମୁକାବିଲା ହେବ ।

ଗତକାଲି  ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ' ୟୁପି ଓ୍ୱାରିୟର୍ସକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହି ପରାଜୟ ସହିତ ୟୁପି ଓ୍ୱାରିୟର୍ସର ପ୍ଲେଅଫ୍ ଖେଳିବା ସମ୍ଭାବନା ପ୍ରାୟ ଶେଷ ହୋଇଛି ।